# Telephone Conversation between PM and President of the Republic of South Africa

April 17, 2020

# ପ୍ରଧାନମନ୍ତ୍ରୀ ଏବଂ ଦକ୍ଷିଣ ଆଫ୍ରିକା ଗଣରାଜ୍ୟର ରାଷ୍ଟ୍ରପତିଙ୍କ ମଧ୍ୟରେ ଟେଲିଫୋନରେ କଥାବାର୍ତ୍ତା

ଏପ୍ରିଲ୍ 17, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଦକ୍ଷିଣ ଆଫ୍ରିକା ଗଣରାଜ୍ୟର ରାଷ୍ଟ୍ରପତି ମାନ୍ୟବର ସିରିଲ ରାମାଫୋସାଙ୍କ ସହିତ ଟେଲିଫୋନରେ କଥାବାର୍ତ୍ତା କରିଛନ୍ତି।

COVID-19 ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ଘରୋଇ, ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ୍ ବିଷୟରେ ଦୁଇ ନେତା ବିଚାର ଗୁଡ଼ିକର ଆଦାନ-ପ୍ରଦାନ କରିଥିଲେ। ସେମାନେ ନିଜର ଲୋକମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ସହିତ ଆର୍ଥିକ ପ୍ରଭାବକୁ କମ୍ କରିବା ପାଇଁ ନିଜର ସମ୍ବନ୍ଧିତ ସରକାର ଗ୍ରହଣ କରୁଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ।

ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି ଯେ ଏହି ବିପଦପୂର୍ଣ୍ଣ ସମୟରେ ଅତ୍ୟାବଶ୍ୟକ ଔଷଧ ଯୋଗାଣ ନିଶ୍ଚିତ କରିବା ପାଇଁ ଭାରତ ଦକ୍ଷିଣ ଆଫ୍ରିକାକୁ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବେ।

ପ୍ରଧାନମନ୍ତ୍ରୀ ମହାମାରୀ ପାଇଁ ଏକ ମହାଦେଶର ବ୍ୟାପକ ପ୍ରତିକ୍ରିୟାରେ ସମନ୍ୱୟ ରକ୍ଷା କରିବା ପାଇଁ ଆଫ୍ରିକୀୟ ସଂଘର ଚେୟାରମ୍ୟାନ୍ ଭାବରେ ନିଜର ବର୍ତ୍ତମାନର କ୍ଷମତାରେ ରାଷ୍ଟ୍ରପତି ରାମଫୋସାଙ୍କ ଦ୍ୱାରା କାର୍ଯ୍ୟ କରାଯାଉଥିବା ସକ୍ରିୟ ଭୂମିକାକୁ ପ୍ରଶଂସା କରିଛନ୍ତି।

ଭାରତ ଏବଂ ଆଫ୍ରିକା ମଧ୍ୟରେ ବନ୍ଧୁତ୍ୱ ଏବଂ ଲୋକ ମାନଙ୍କ ଭିତରେ ବର୍ଷ ବର୍ଷ ପୁରୁଣା ସମ୍ବନ୍ଧକୁ ମନେ ପକାଇ ପ୍ରଧାନମନ୍ତ୍ରୀ ଭାଇରସ ବିପକ୍ଷରେ ସଂଯୁକ୍ତ ଆଫ୍ରିକାର ପ୍ରଚେଷ୍ଟା ପାଇଁ ଭାରତର ସମ୍ପୂର୍ଣ୍ଣ ସମର୍ଥନ ସହିତ ଅବଗତ କରାଇଥିଲେ।

**ନୂଆ ଦିଲ୍ଲୀ**
**ଏପ୍ରିଲ୍ 17, 2020**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.